Vol VIII Issue No.49 Sunday, 18 February 2007



**New York Times Newspaper**
Phoenix - Get Home Delivery for as little as $2.99 per week!
www.nytimes.com

**Day You Were Born News**
Any Date City State Fast svc. Birthday Anniversary
800-544-8345
www.newspaper-headlines.com

**Hindu Wedding Photography**
Professional Photographer Hindu, Panjabi, Gujarati, Cultural
www.photobyrupesh.com

**Newspaper Publisher Mgmt**
Learn How SAP Can Help Media Companies Stay Competitive!
SAP.com/Newspapers

Ads by Goooooogle Advertise on this site

previous || next

# ଆଇଆଇଟି ସ୍ଥାନାନ୍ତର ଓ ନିଦ୍ରିତ ଓଡ଼ିଆ/ଅକୁହା କଥା/ବ୍ରଜ କିଶୋର ସାହୁ

Click to enlarge text: A A A A

ଛାତ୍ରସମାଜ, ସରକାର, ବିରୋଧୀ ଦଳ, ଜନସାଧାରଣ, ବ୍ୟୁରୋକ୍ରାଟସ୍ ସମସ୍ତେ ଏଥିପ୍ରତି ଉଦାସୀନ ଓ ନୀରବ । ସତେ ଯେପରି ରାଜ୍ୟରେ ଶିକ୍ଷାର ମାନବୃଦ୍ଧି ପାଇଁ କାହାର କିଛି କର୍ତ୍ତବ୍ୟ ନାହିଁ । ବିଗତ ବହୁବର୍ଷ ଧରି ସର୍ବଭାରତୀୟ ସିଭିଲ ପରୀକ୍ଷାରେ କୃତକାର୍ଯ୍ୟ ହେବା ଓଡିଆଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ । କାଁ ଭାଁ । ଯେଉଁ କେତେଜଣ ପାଉଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ଡିୟୁ କିମ୍ବା ଜେଏନୟୁର ଛାତ୍ର । ଯେହେତୁ ବଡବଡିଆମାନେ ବହୁ ପଇସା ଖର୍ଚ୍ଚ କରି ସେମାନଙ୍କ ପିଲାଙ୍କୁ ରାଜ୍ୟ ତଥା ଦେଶ ବାହାରକୁ ପଠାଉଛନ୍ତି ପଢିବା ପାଇଁ, ତେଣୁ ରାଜ୍ୟରେ ଶିକ୍ଷାର ମାନ  ଯେତେ ଅବନତି ଘଟିଲେ ମଧ୍ୟ ସେମାନଙ୍କର ମୁଣ୍ଡ ଖେଳେଇବାର ନାହିଁ । ରାଜ୍ୟର ଯେଉଁ ଓଡିଆ ଆଇଏଏସ ଅଫିସରମାନେ କେନ୍ଦ୍ର ସେକ୍ରେଟାରିଏଟ୍‌ରେ ରହିଲେ ସେମାନେ ଯଦି ନିଜ ରାଜ୍ୟର ପ୍ରଗତି ପ୍ରତି ସାମାନ୍ୟ ଧ୍ୟାନ ଦିଅନ୍ତେ ତେବେ ଓଡିଶାରେ ବହୁତ କିଛି ହୋଇପାରନ୍ତା । ଚନ୍ଦ୍ରାବାବୁ ନାଇଡୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରତିମାସରେ ଦିଲ୍ଲୀରେ ଥିବା ଆନ୍ଧ୍ରହାଉସରେ ଏକ ମିଟିଂ କରୁଥିଲେ । କେନ୍ଦ୍ର ସେକ୍ରେଟାରିଏଟ୍‌ରେ ଯେତେ ତେଲୁଗୁ ଆଇଏଏସ ଅଫିସର ଥାଆନ୍ତି ସମସ୍ତଙ୍କୁ ସେ ମିଟିଂକୁ ଆମନ୍ତ୍ରଣ କରି ନିଜ ନିଜ ବିଭାଗ ଦ୍ୱାରା ଆନ୍ଧ୍ରର କିପରି ଉନ୍ନତ ହୋଇପାରିବ, ସେ ସମ୍ପର୍କରେ ଆଲୋଚନା କରନ୍ତି । ନୂଆ ନୂଆ ଯୋଜନା ମାନ ସ୍ଥିର କରାଯାଏ । ସେ ସବୁ କାର୍ଯ୍ୟକୁ ସେ ନିଜେ ମନିଟରିଂ କରିବା ସହ  କିପରି ତ୍ୱରାନ୍ୱିତ ହୋଇପାରିବ, ସେଥିପ୍ରତି ସବୁବେଳେ ସଜାଗ  ଥିଲେ । ତେଣୁ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଆନ୍ଧ୍ରପ୍ରଦେଶ କେନ୍ଦ୍ରରୁ ଯଥେଷ୍ଟ କିଛି ହାସଲ କରିପାରିଥିଲା । ଉପେନ୍ଦ୍ର ତ୍ରିପାଠୀ ଜଣେ ଓଡିଆ ଆଇଏଏସ ଅଫିସର । ବାଙ୍ଗାଲୋର ମେଟ୍ରୋପଲିଟାନ୍ ଟ୍ରାନ୍ସପୋର୍ଟ କର୍ପୋରେଶନ (ବିଏମଟିସି)ର ମ୍ୟାନେଜିଂ ଡାଇରେକ୍ଟର ଭାବେ ୨୦୦୩ ମସିହାରୁ କାର୍ଯ୍ୟରତ । ଗତବର୍ଷ ଉକ୍ତ ସଂସ୍ଥାର ସେ ୧୧୪.୮୮ କୋଟି ଟଙ୍କା ଲାଭ ଦେଖାଇପାରିଛନ୍ତି । ଦେଶରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୧୨ଜଣ ବ୍ୟକ୍ତିଙ୍କ ମଧ୍ୟରେ  ତ୍ରିପାଠୀଙ୍କ ନାମ ଓ ସଫଳତା ସମ୍ପର୍କରେ ଉଚ୍ଚ ପ୍ରଶଂସା କରି ଏକ ନିବନ୍ଧ ଉପସ୍ଥାପନ କରିଛି 'ହାର୍ମୋନୀ' ପତ୍ରିକା (ଜାନୁୟାରୀ

previous || next



JeevanSathi.com Feedback - Ads by Google

©2004 Dharitri All Rights Reserved.

Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.